# Akashvani, Sambalpur

## SAMBALPURI NEWS BULLETIN

### 10 June 2024- 6.47- 6.52 am.

*********************************************

ଓଡ଼ିଶାର୍ ନୂଆଁ ମୁଖ୍ୟମନ୍ତ୍ରୀ-ଶପଥ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ନୂଆଁ ମନ୍ତ୍ରୀମଣ୍ଡଲ୍‌ର ଶପଥ୍ ଗ୍ରହଣ୍ ଉତ୍ସବ୍ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ଆଏବା ୧୨ ତାରିଖ୍ ବୁଧବାର୍ ଦିନ ହେବା । ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ବିଜେପି ବିଧାୟକ୍ ଦଲର୍ ବୈଠକ୍ ହେବା ଆଉ ସେନ ମୁଖ୍ୟମନ୍ତ୍ରୀଙ୍କର୍ ନାଁ ଘୋଷ୍‌ନା କରାଯିବା । ବିଧାୟକ୍ ଦଲର୍ ନେତା ନିର୍ବାଚନ୍ ଲାଗି କେନ୍ଦ୍ରମନ୍ତ୍ରୀ ରାଜନାଥ୍ ସିଂ ଆଉ ଭୂପେନ୍ଦର୍ ଯାଦବ୍ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ୍ ଭାବେ ଯୋଗ୍ ଦେବେ ।

ସେଆଡ଼େ ଶପଥ୍ ଗ୍ରହଣ୍ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ କେନ୍ଦ୍ରମନ୍ତ୍ରୀ ଆର୍ ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀମାନେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ହେଥିର୍‌ଲାଗି ଜନତା ମଇଦାନ୍ ନ ପ୍ରସ୍ତୁତି ସଙ୍ଗେ କଡ଼ା ସୁରକ୍ଷା ବନ୍ଦୋବସ୍ତ୍ କରାଯାଉଛେ ।

ଶୀତଲ୍‌ଷଷ୍ଠୀ    ସମ୍ବଲପୁର୍ ସମ୍ବାଦଦାତା

ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ଲାଗି ସମ୍ବଲ୍‌ପୁର୍ ସହର୍ ଉତ୍ସବ୍‌ମୁଖର୍ ହେଇଛେ । ଗଲାକାଏଲ୍ ଝାଡୁଆପଡ଼ାର ଶ୍ରୀ ଶ୍ରୀ ଲୋକ୍‌ନାଥ ବାବା ଆର୍ ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବା ଆର୍ ସହରର୍ ଅଲ୍‌ଗା ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରୀ କମିଟି ତର୍‌ଫୁ ଶିବମନ୍ଦିର୍ ମାନ୍‌କର୍ ମହାଦେବଙ୍କର୍ ବିହା ଲାଗି ହନୁମାନ୍ ଅଲ୍‌ଗା ଅଲ୍‌ଗା ଶୋଭାଯାତ୍ରାଥି ଯାଇକରି ଦେବବିବାହଥି ଯୋଗ୍ ଦେବାର୍ ଲାଗି ନିଉତା ଦେଇଛନ୍ । ସେଆଡ଼େ ଆଏଜ୍ ଦେବଦେବ ମହାଦେବ ଇ ବଛ୍‌ରର୍ କନ୍ୟାପକ୍ଷ ଘର୍‌କେ ବରାତି ଯିବେ ଆର୍ ବ୍ରାହ୍ମମୁହୂର୍ତଥି ଦେବଦମ୍ପତିଙ୍କର୍ ଲୌକିକ ବିହା ହେବା । ଆଏବା କାଏଲ୍ ଅଧାରାତି ଦେବଦମ୍ପତିଙ୍କର୍ ନଗର୍ ପରିକ୍ରମା ଯାତ୍ରାଥି ବାହାରିକରି ୧୨ ତାରିଖ୍ ଉପର୍‌ବେଲା ଦେବଦମ୍ପତି ନିଜର୍ ନିଜର୍ ମନ୍ଦିର୍‌କେ ଫିର୍‌ବେ ।

ଫେସ୍ ଅଥେଂଟିକେସନ୍ ଟେକ୍ନୋଲୋଜି   ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ସର୍କାର୍‌ଙ୍କର୍ ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ - ୟୁନିକ୍ ଆଇଡେଂଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ ତର୍‌ଫୁ ଜୀବନ୍ ପ୍ରମାଣ୍ ପତ୍ର ଦାଖଲ୍ ଲାଗି ଫେସ୍ ଅଥେଂଟିକେସନ୍ ଟେକ୍ନୋଲୋଜିର ବିକାଶ୍ କରାଯାଇଛେ । ଇଥିର୍‌ଲାଗି ପେନ୍‌ସନ୍‌ଧାରୀମାନେ ଘରେ ବସିକରି ଡିଏଲ୍‌ସି ଦାଖଲ୍ କରିପାର୍‌ବେ । କେନ୍‌ସି ଏଣ୍ଡ୍ରଏଡ୍ ଫୋନ୍ ଜରିଏ ସେମାନେ ଇଟା ଦାଖଲ୍ କରିପାର୍‌ବେ । ଇ ପ୍ରକ୍ରିୟା ଝନେ ପେନ୍‌ସନ୍‌ଧାରୀଙ୍କୁ ନିଜର୍ ଘରେ ବସିକରି ସୁବିଧା ଅନ୍‌ସାରେ ଗୁଟେ ସ୍ମାର୍ଟ ବେଭାର୍‌ଥି ଫେସିଆଲ୍ ସ୍କେନ୍‌ଥି ପରିଚୟ ପ୍ରମାଣ କର୍‌ବାର୍ ସୁବିଧା ଦଉଛେ । ଗଲା ୨୦୨୨ ମସିହା ଜୁଲାଇ ମାସ୍‌ନୁ ମୁଲ୍ ହେଇଥିବା ଇ ପ୍ରକ୍ରିୟାଥି ୨୦୨୨-୨୩ ମସିହାଥି ୨ ଲାଖ୍ ୧୦ ହଜାର୍ ପେନ୍‌ସନ୍‌ଧାରୀ ଇତାର୍ ସୁବିଧା ନେଇଛନ୍ । ସେନ୍ତା ୨୦୨୩-୨୪ ବଛର୍‌ଥି ୬ ଲାଖ୍ ୬୦ ହଜାର୍ ଲୋକ୍ ଇ ଟେକ୍ନୋଲୋଜିର୍ ବେଭାର୍ କରିଛନ୍ । ଗଲା ଆଥିକ୍ ବଛରେ ପ୍ରାୟ ୬୦ ଲାଖ୍ ଲୋକ୍ ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ଦିଆଯାଇଥିବାର ଜନାପଡ଼ିଛେ ।

ବିଦେଶୀ ଡାକ୍ତରୀ ଛାତ୍ର ଆର୍‌ଏନ୍‌ୟୁ /ସମ୍ବଲପୁର

ବିଦେଶ୍ ନ ପଢୁଥିବା ଡାକ୍ତରୀ ଛାତ୍ରଙ୍କର୍ ଲାଗି ନେସ୍‌ନାଲ୍ ମେଡ଼ିକାଲ୍ କମିଶନ୍- ଏନ୍‌ଏମ୍‌ସି ନୂଆଁ ନିୟମ୍ କରିଛେ । ଇ ନିୟମ୍ ଅନ୍‌ସାରେ ବିଦେଶୀ ଡାକ୍ତରୀ ଛାତ୍ରମାନେ ଅନ୍‌ଲାଇନ୍ ଥିଓରି କ୍ଲାସ୍ ସହେତେ ଅଫ୍‌ଲାଇନ୍‌ଥି ପ୍ରାକ୍ଟିକାଲ୍ ଆର୍ କ୍ଲିନିକାଲ୍ ଟ୍ରେନିଂ ନେବେ । ଯେନ୍ ବିଦେଶୀ ଡାକ୍ତରୀ ଛାତ୍ରମାନେ ଅନ୍‌ଲାଇନ୍‌ଥି କ୍ଲାସ୍ କରିଛନ୍, ସେମାନ୍‌କୁ ଏଫ୍‌ଏମ୍‌ଜି ପରୀକ୍ଷାର୍ ଯୋଗ୍ୟତା ହାସଲ୍ କର୍‌ବାର୍‌କେ ପଡ଼୍‌ବା । ଇଟାର୍ ଉତ୍‌ରୁ ସେମାନେ ୨ ନୁ ୩ ବଛର୍ ଲାଗି ରୋଟେଟିଙ୍ଗ୍ ମେଡ଼ିକାଲ୍ ଇଂଟର୍ନସିପ୍ କର୍‌ବାର୍‌କେ ବାଧ୍ୟ କରାଯାଇଛେ । ଇ ନିର୍ଦ୍ଦେଶାନାମା ବାହାର୍‌ବାର୍ ତାରିଖ୍‌ନୁ ଇଟା କାର୍ଯ୍ୟକାରୀ ହେବା ବଲି ଜନାପଡ଼ିଛେ ।

ପିଜି ନାଁଲେଖା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ବିଶ୍ୱବିଦ୍ୟାଳୟ ଆଉ କଲେଜ୍ ନ ପିଜି ନାଁଲେଖାର୍ ଲାଗି ଏସ୍‌ଏସ୍‌ବି ତର୍‌ଫୁ ପ୍ରବେଶିକା ପରୀକ୍ଷା ହେବା । ଇଥିର୍‌ଲାଗି ଆଏବା ୨୨ ତାରିଖ୍ ଦିନ ଏଡ୍‌ମିଟ୍‌କାର୍ଡ଼ ମିଲ୍‌ବା । ଆଏବା ଜୁଲାଇ ୩ ନୁ ୧୪ ତାରିଖ୍ ତକ୍ ଇ ପରୀକ୍ଷା ହେବା । ଇ

ବଛର୍ ଶହେ ୧୩ ଟା ଶିକ୍ଷାନୁଷ୍ଠାନ୍ ୨୮ ହଜାର୍ ୯ ଶହ ୨୨ ଟା ସିଟ୍‌ଥି ନାଁଲେଖା ହେବା । ଇଥିର୍‌ଲାଗି ୬୩ ହଜାର୍ ଶହେ ୮୪ ଝନ୍ ଆବେଦନ୍ କରିଥିବାର୍ ବେଲେ ୬୨ ହଜାର୍ ୫ ଶହ ୪୪ ଝନ୍ ଅନ୍‌ଲାଇନ୍‌ଥି ଆବେଦନ୍ ପତ୍ର ଦାଖଲ୍ କରିଛନ୍ ।

ବିଏଡ୍ ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ଦୁଇବର୍ଷିଆ ବିଏଡ୍ ନାଁଲେଖା ଆବେଦନ୍ ଆଏଜ୍ ଶେଷ୍ ହେଉଛେ । ଗଲା ମାସ ୨୯ ତାରିଖ୍‌ନୁ ସାମ୍ସ ୱେବ୍‌ସାଇଟ୍‌ଥି ନାଁ ଲେଖା ମୁଲ୍ ହେଇଛେ । ଇଥିର୍‌ଲାଗି ୭୭ ହଜାର୍ ୯ ଶହ ୪୦ ଝନ୍ ଦର୍‌ଖାସ୍ତ କରିଛନ୍ । ଆବେଦନ୍‌କାରୀମାନ୍‌କର୍ ସବୁ ଦର୍‌ଖାସ୍ତ ଆଏବା ୧୮ ତାରିଖ୍ ଦିନ ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ୍ - ଏସଏସ୍‌ବି ନ ଦାଖଲ୍ କରାଯିବା । ଜୁଲାଇ ୧୫ ତାରିଖ୍ ଏସ୍‌ଏସ୍‌ବି ୱେବ୍‌ସାଇଟ୍ www.ssbodisha.ac.in ଥି ଏଡ୍‌ମିଟ୍‌କାର୍ଡ୍ ମିଲିପାର୍‌ବା ।

ଯୁକ୍ତ ଦୁଇ ଇନ୍‌ଷ୍ଟାଂଟ୍ ପରୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ଯୁକ୍ତ ଦୁଇ ଇନ୍‌ଷ୍ଟାଂଟ୍ ପରୀକ୍ଷା ଆଏବା ୨୮ ଆଉ ୨୯ ତାରିଖ୍ ଦିନ ହେବା । ଇଥିର୍‌ଲାଗି ଗଲା ୧ ନୁ ୫ ତାରିଖ୍ ଭିତ୍‌ରେ ଫର୍ମ

ପୂରଣ୍ କରାଯାଇଥିଲା । ହେଲେ ସିଏଚ୍‌ଏସ୍‌ଇ ତର୍‌ଫୁ ଆଏବାକାଏଲ୍ ଆଉ ୧୨ ତାରିଖ୍ ଦିନ ଫେର୍‌ଘାଏ ଫର୍ମପୂରଣ୍ ଲାଗି ସୁଯୋଗ୍ ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ଉପକୂଳ ଓଡ଼ିଶା ନ ଆଏଜ୍ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । କାଲ୍‌ବୈଶାଖୀ ପ୍ରଭାବ୍‌ଥି କମ୍ ନୁ ମଧ୍ୟମ୍ ଧରଣ୍‌ର ବର୍ଷା ସହେତେ ଧୁକା ହେଇପାରେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବୌଦ୍ଧ ଆଉ ନୂଆପଡ଼ା ସହେତେ ରାଜ୍ୟର୍ ୧୫ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ ।

କେନ୍ଦ୍ର ମନ୍ତ୍ରିମଣ୍ଡଲ୍- ଶପଥ୍ ସମାରୋହ ଆର୍‌ଏନ୍‌ୟୁ /ସମ୍ବଲପୁର

ଜାତୀୟ ଗଣତାନ୍ତ୍ରିକ ମେଂଟ- ଏନ୍‌ଡିଏର ସଂସଦୀୟ ଦଲର୍ ନେତା ନରେନ୍ଦ୍ର ମୋଦୀ ଲଗାତାର୍ ୩ ନମ୍ବର୍ ଥର୍ ଲାଗି ଦେଶର୍ ପ୍ରଧାନ୍‌ମନ୍ତ୍ରୀ ଭାବେ ଶପଥ୍ ଗ୍ରହଣ୍ କରିଛନ୍ । ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ଗଲାକାଏଲ୍ ହେଇଥିବା ଗୁଟେ ସ୍ୱତନ୍ତ୍ର

ସମାରୋହଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ -ଶ୍ରୀ ମୋଦୀଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ କରେଇଥିଲେ । ସମାରୋହଥି ମନ୍ତ୍ରିମଣ୍ଡଲ୍‌ର ସଦସ୍ୟ ଭାବେ ୭୧ ଝନ୍ ଶପଥ୍ ପାଠ୍ କରିଛନ୍ । ସେମାନ୍‌କର୍ ଭିତ୍‌ରେ ୩୦ ଝନ୍ କେବିନେଟ୍ ମନ୍ତ୍ରୀ, ୫ ଝନ୍ ସ୍ୱାଧୀନ୍ ପାହ୍ୟାର୍ ରାଷ୍ଟ୍ରମନ୍ତ୍ରୀ ଆଉ ୩୬ ଝନ୍ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ୍ ଗ୍ରହଣ୍ କରିଛନ୍ । ଇତାର୍ ଭିତ୍‌ରେ କେବିନେଟ୍ ମନ୍ତ୍ରୀ ଭାବେ ଓଡ଼ିଶାର୍ ଧର୍ମେନ୍ଦ୍ର ପ୍ରଧାନ୍, ଜୁଏଲ୍ ଓରାମ୍ ଆର୍ ଅଶ୍ୱିନୀ ବୈଷ୍ଣବ୍ ଶପଥ୍ ନେଇଛନ୍ ।

ଶପଥ୍ ଗ୍ରହଣ୍ ସମାରୋହଥି ୭ ଟା ଦେଶର୍ ରାଷ୍ଟ୍ରମୁଖ୍ୟଙ୍କର୍ ସହେତେ ୮ ହଜାର୍‌ନୁ ଅଏତ୍‌କା ଅତିଥି ଯୋଗ୍ ଦେଇଥିଲେ ।